## ୮ ପରିବାରଙ୍କୁ କୁଳରୁ ବାସନ୍ଦ ପ୍ରସଙ୍ଗ

# ଉଭୟ ପକ୍ଷର ବୟାନ ରେକର୍ଡ କଲେ ପ୍ରଶାସନ



ପଦ୍ମପୁର,୨୬।୫(ସମିସ): ଆଜି ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଗୁଣପୁର ଉପ ଜିଲ୍ଲାପାଳଙ୍କ ନୋଟିସ୍ ପ୍ରକାରେ ଓ ପଦ୍ମପୁର ବ୍ଲକ ପ୍ରଶାସନଙ୍କ ମିଳିତ ଉଦ୍ୟମରେ କୁଳରୁ ବାସନ୍ଦ ଘଟଣାର ଉଭୟ ପକ୍ଷର ବୟାନ୍ ରେକର୍ଡ ସହ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳ ୧୦ଟା ଠାରୁ ପଦ୍ମପୁର ବ୍ଲକ୍ ସଦ୍‌ଭାବନା ଗୃହ ଠାରେ ଗୁଣପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପତ୍ରସଖ୍ୟା ୧୯୫୦/୨୬ ଅନୁଯାୟୀ ଅଭିଯୋଗ କାରି ୮ବାସନ୍ଦ ପରିବାର ଓ ଗଞ୍ଜାମ ଜିଲ୍ଲା ଚିକିଟି ଖେମୁଣ୍ଡି ହଳଦିଆ ତୈଳିକ ବୈଶ୍ୟ ସମାଜର ପଦାଧିକାରୀ ଓ ପଦ୍ମପୁର ଥାନା ଅଧିକାରୀଙ୍କୁ ନୋଟିସ୍ ଜାରି କରାଯାଇଥିଲା। ଆଜିର ତଦନ୍ତ କମିଟି ବୈଠକରେ ଗୁଣପୁର ଏସ୍‌ଡିପିଓ ବାବୁଲି ନାୟକ, ପଦ୍ମପୁର ଥାନା ଆଇଆଇସି ଧରଣୀଧର ପ୍ରଧାନ, ପଦ୍ମପୁର ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶୁ ଚନ୍ଦ୍ର ଜାନୀ, ପଦ୍ମପୁର ଅତିରିକ୍ତ ତହସିଲଦାର, ପଦ୍ମପୁର ବ୍ଲକ୍ ଅଧ୍ୟକ୍ଷ ମଣିମାଳା ଶବର, ଉପାଧ୍ୟକ୍ଷ ରମେଶ ସାହୁ, ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡାଗୀରି, ବ୍ଲକ ମଙ୍ଗଳ ଅଧିକାରୀ ଅର୍ଚ୍ଚନା ପଣ୍ଡା, ବ୍ଲକ୍ ସାମାଜିକ ଅଧିକାରୀ, ବ୍ଲକ୍ ଯୋଗାଣ ଅଧିକାରୀ ଅମର ଶବର, ଦକ୍ଷିଣ ଓଡ଼ିଶା ତୈଳିକ ବୈଶ୍ୟ ସମାଜ ସଭାପତି ତଥା ଚିକିଟି ଖେମୁଣ୍ଡି ତୈଳିକ ବୈଶ୍ୟ ସମାଜ କେନ୍ଦ୍ରୀୟପରିଷଦର ଦଣ୍ଡାସୀ ସାହୁ, ସଂପାଦକ ଲକ୍ଷ୍ମଣ ସାହୁଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତରେ ଗୁଣପୁର ଏସ୍‌ଡିପିଓ ବୈଶ୍ୟ ସମାଜର ଉପଦେଷ୍ଟା ମଣ୍ଡଳୀଙ୍କୁ ଆଇନ୍‌କୁ ଉଲ୍ଲଂଘନ ନ କରି କୌଣସି ବ୍ୟକ୍ତିର ଅଧିକାର କ୍ଷୁର୍ଣ୍ଣ ନକରି ସଂଘର କଠୋର ଆଇନ୍‌କୁ ପରିମାର୍ଜିତ କରିବାକୁ କହିଥିଲେ। ସମଗ୍ର ତୈଳିକ ସମାଜ ଗୁରୁତର ସହ ଆଲୋଚନା ମାଧ୍ୟମରେ ସଂଘର ୫ଜଣ କର୍ମକର୍ତ୍ତା ଓ ବାସନ୍ଦ ପରିବାରର ୫ଜଣ ଗୁଣପୁର ଆସି ଆଲୋଚନା କରିବାକୁ କହିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ଭିନ୍ନ ଜାତିରେ ବିବାହ କରିଥିବା ଅଭିଯୋଗରେ ତୈଳିକ ବୈଶ୍ୟ ସମାଜ ପକ୍ଷରୁ ୮ ପରିବାରକୁ ବାସନ୍ଦ କରିବା ସହ ବିବାହ, ଭୋଜିଭାତରେ ସଂପୂର୍ଣ୍ଣ ବାରଣ କରିବା ସହ ସେମାନଙ୍କୁ ଯଦି କେହି ଶୁଭ କିମ୍ବା ଅଶୁଭ କାର୍ଯ୍ୟରେ ଡ଼ାକିଲେ ସେମାନଙ୍କୁ ମଧ୍ୟ ଜରିମାନା ଦେବାକୁ ପଡୁଥିଲା। ଏଭଳି ଅସହ୍ୟ ମାନସିକ ଯନ୍ତ୍ରଣାର ଶିକାର ହେଇ ସେହି ୮ପରିବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ସମୟରେ ଜଣାଇବା ପରେ ପ୍ରଶାସନ ତତ୍ପର ହୋଇ ଉଠିଥିଲା। ପରେ ଉକ୍ତ ଘଟଣାର ମାନବିକ ଅଧିକାର କମିଶନ ପର୍ଯ୍ୟନ୍ତ ଯିବା ପରେ ଏଭଳି କୁତ୍ସିତ ଜାତିଆଣ ଭଳି ପରମ୍ପରାକୁ ହଟାଇବାକୁ ମୁଖ୍ୟ ଶାସନ ସଚିବ ଓ ଜିଲ୍ଲା ପ୍ରଶାସନକୁ ନୋଟିସ୍‌କୁ ନେଇ ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟବସ୍ତୁ ହେବା ସହ ମାନବାଧିକାର କମିଶନ ସମ୍ବିଧାନର ୧୪ ଓ ୧୬ ଧାରାର ଖୋଲାଖୋଲି ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଛି। ଯାହା ଦ୍ୱାରା ଆଜି ପ୍ରଶାସନ ପକ୍ଷରୁ ଆନୁଷ୍ଠାନିକ ଭାବେ ଏକ ସମାଧାନ ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ସେଭଳି କୌଣସି ଫଏସଲା ନହେବାରୁ ଗୁଣପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପୁନଶ୍ଚ ଉଭୟ ପକ୍ଷ ବ୍ୟକ୍ତିଙ୍କୁ ଆଲୋଚନା କରିବାକୁ ଏସ୍‌ଡିପିଓ ନିର୍ଦ୍ଦେଶନାମା ଜାରି କରିଛନ୍ତି।

# ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ




ରାଇଘର,୨୬।୫(ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଠାରେ ବିଜୁ ଜନତା ଦଳ ପକ୍ଷରୁ ଆଜି ମାଉଳି ମାଁ ମନ୍ଦିର ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ୧୧ ଦଫା ଦାବିପତ୍ର ନେଇ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଇଘର ବ୍ଲକ ବିଜୁ ଜନତା ଦଳର ବିଭିନ୍ନ ଦାବି ଗୁଡିକ ହେଲା, ଅଞ୍ଚଳର ଚାଷୀ ମାନଙ୍କୁ ଉଚିତ୍ ମୂଲ୍ୟରେ ୟୁରିଆ କିମ୍ବା ଜୈବିକ ସାର ତୁରନ୍ତ ଯୋଗାଇ ଦେବା। ପ୍ରତ୍ୟେକ ଟ୍ରାକ୍ଟର ଚାଷୀଙ୍କୁ ଦୈନିକ ଅତି କମ୍‌ରେ ୫୦୦୦ ଟଙ୍କାର ଡିଜେଲ୍ ଡବାରେ ଦେବା, ଟ୍ରାକ୍ଟରକୁ ଅଯଥାରେ ପେଟ୍ରୋଲ ପମ୍ପରେ ଡକାଇ ହଇରାଣ ନ କରିବା, ପ୍ରତ୍ୟେକ ଦିନ ପେଟ୍ରୋଲ ଓ ଡିଜେଲ୍‌ର ଅହେତୁକ ଦର ବୃଦ୍ଧି ବନ୍ଦ କରି ଜିଏସଟିରେ ଅନ୍ତର୍ଭୁକ୍ତ., ବହୁ ବର୍ଷ ଧରି ଜଙ୍ଗଲ ଜମିରେ ଚାଷ ହେଉଛି, ଚାଷୀଙ୍କୁ ସାର ଓ ବିହନ ଯୋଗାଇ ଦେବା, ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ କରିବା, ପେସା ଆଇନ ତୁରନ୍ତ ଲାଗୁ କରିବା, ଲାଇସେନ୍ସପ୍ରାପ୍ତ ଡିଲର୍ ମାନଙ୍କ ପାଖରେ ଗଚ୍ଛିତ ଥିବା ୟୁରିଆ ସାରକୁ ଚାଷୀଙ୍କୁ ବିକିବାକୁ ତୁରନ୍ତ ଅନୁମତି, ରାଇଘର ବ୍ଲକକୁ ଅତିଶୀଘ୍ର ଭୂ-ବନ୍ଦୋବସ୍ତ ଲାଗୁ କରି ଜମି ହିନ ଲୋକଙ୍କୁ ଜମି ପଟା ପ୍ରଦାନ, ଠିକ୍ ସମୟରେ ଏଲ୍‌ପିଜି ଗ୍ୟାସ୍ ଗ୍ରାହକ ମାନଙ୍କୁ ଯଥେଷ୍ଟ ପରିମାଣରେ ଯୋଗାଇ ଦେବା, ଅତ୍ୟାବଶ୍ୟକ ସାମଗ୍ରୀ ଯଥା ତେଲ, ଡାଲି, ଚାଉଳ , ଲୁଣ ସୁଲଭ ମୂଲ୍ୟରେ ଯୋଗେଇ ଦେବା, କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ନବିନା ନାୟକ, ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ଯତୀନ ଗଣ୍ଡ, ଉପେନ୍ଦ୍ର ଗଣ୍ଡ, ତପନ ଗାଇନ, ରାଇସିଂ ଗଣ୍ଡ ଓ ଚିତ ରଞ୍ଜନ ଗଣ୍ଡ ପ୍ରମୁଖଙ୍କ ସହ ଶତାଧିକ ଚାଷୀ ଓ କର୍ମୀ ଯୋଗ ଦେଇଥିଲେ।

# ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳ ଅଧିକାରୀଙ୍କୁ ସମ୍ବର୍ଦ୍ଧନା



ନବରଙ୍ଗପୁର,୨୬।୫(ସମିସ): ନବରଙ୍ଗପୁର ଜିଲ୍ଲା ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ସଭାପତି ଅରୁଣ କୁମାର ଦାସଙ୍କ ନେତୃତ୍ୱରେ ସଂଘ ପକ୍ଷରୁ ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଜିଲ୍ଲା ମଙ୍ଗଳ ଅଧିକାରୀ ପାଲାକା ରବୀନ୍ଦ୍ରଙ୍କ ଡେପୁଟି ଡାଇରେକ୍ଟର ଭାବରେ ପଦନ୍ନୋତି ନିମନ୍ତେ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଏହି ଅବସରରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ସଂଘ ସଭାପତି ଅରୁଣ ଦାସ। ସଂଘ ପକ୍ଷରୁ ଗ୍ରେଡେଶନ ଲିଷ୍ଟ ଅନୁଯାୟୀ ପଦନ୍ନୋତି ଏବଂ ଏମ୍‌ଏସିପି ଯଥାଶୀଘ୍ର କାର୍ଯ୍ୟକାରୀ କରିବା ନିମନ୍ତେ ଅନୁରୋଧ କରିଥିଲା ସଂଘ। ଯଥା ଶୀଘ୍ର ସମସ୍ୟା ଗୁଡ଼ିକର ସମାଧାନ କରାଯିବ ବୋଲି ଶ୍ରୀ ପାଲକା ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସଂଘର ଅନ୍ୟ କର୍ମକର୍ତ୍ତା ଜଗଦୀଶ ପ୍ରଧାନୀ, ଚିତ୍ରସେନ ବିଷୋୟୀ, ରୂପଧର ଭତରା ସଦନ ହରିଜନ ପଦ୍ମାବତୀ ବିଷୋୟୀ, ଚନ୍ଦ୍ରାବତୀ ପାତ୍ର ରଞ୍ଜିତ୍ ପାତ୍ର, ଦମୟନ୍ତୀ ବିଷୋୟୀ ବେଣୁଧର ସେଠୀଆ, ସହଦେବ ପାଣ୍ଡେ ସତ୍ୟ ବିଷୋୟୀ ରଜନୀ ବେହେରା ଚଇଳଚନ୍ଦ୍ର ବିଷୋୟୀ ଯଜ୍ଞାସିନି ଭତରା ପ୍ରମୁଖ ଉପସ୍ଥିତ ଥିଲେ।

# ଇନ୍ଦ୍ରାବତୀ ବଣିକ ସଂଘ ସାଧାରଣ ପରିଷଦ ବୈଠକ

### ନୂତନ କର୍ମକର୍ତ୍ତା ଚୟନ

ତେନ୍ତୁଳିଖୁଣ୍ଟି,୨୬।୫(ସମିସ): ନବରଙ୍ଗପୁର ଜିଲ୍ଲା ଇନ୍ଦ୍ରାବତୀ ବଣିକ ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ବଣିକ ସଂଘର ନୂତନ ସଭାପତି ଭାବେ ସମାଜସେବୀ ତଥା ବରିଷ୍ଠ ବ୍ୟବସାୟୀ ସୁରେନ୍ଦ୍ର ନାଥ ରାଉତଙ୍କୁ ଚୟନ କରାଯାଇଥିଲା। ସେହିଭଳି ସଂଘ ଉପଦେଷ୍ଟା ଭାବରେ ପୂର୍ବତନ ସଭାପତି ମୃତ୍ୟୁଞ୍ଜୟ ପାତ୍ର, ସମାଜସେବୀ ତଥା ସାମ୍ବାଦିକ ପୃଥ୍ୱୀରାଜ ପାଇକରାୟ ଏବଂ ମନୋଜ ମହାପାତ୍ରଙ୍କୁ ଚୟନ କରାଯାଇଥିଲା। ସେହିଭଳି ଉପସଭାପତି ଭାବରେ ଅକ୍ଷୟ କୁମାର ମହାନ୍ତି, ସାଧରଣ ସମ୍ପାଦକ ଭାବେ ସୁଶାନ୍ତ କୁମାର ରାଉତ, କୋଷାଧକ୍ଷ ଭାବେ ପ୍ରବୀର କୁମାର ସାମଲଙ୍କୁ ଚୟନ କରାଯାଇଥିଲା। କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ମହେଶ୍ୱର ମହାନ୍ତି, କୁନା ପାତ୍ର, କେ ସୁରେଶ, ଭଗବାନ ସାହୁ, ରବି ପାତ୍ର, ଇନ୍ଦ୍ରଜିତ ସାହୁ, ଜଗନ୍ନାଥ ପାଣିଗ୍ରାହୀ, ପ୍ରିୟଦତ୍ତ ସାହୁ, ଡମ୍ବରୁ ଜେନା, ସାନୁ ମାଲୁ, ସଞ୍ଜୟ କୁମାର ବେହେରାଙ୍କୁ ଚୟନ କରାଯାଇଥିଲା । ସଂଘ ଏକତା ବଜାୟ ରଖିବା ସହ ସର୍ବସାଧାରଣଙ୍କ ବୃହତ୍ତର ସ୍ୱାର୍ଥକୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବା ସହ ସ୍ୱଚ୍ଛତା ପ୍ରତି ଧ୍ୟାନ ଦେବା ପାଇଁ ନିଷ୍ପତି ହୋଇଥିଲା। ସେହିଭଳି ଇନ୍ଦ୍ରାବତୀ ବଜାରର ଉନ୍ନତିକରଣ ଏବଂ ବ୍ୟବସାୟୀଙ୍କ ସମସ୍ୟା ସମାଧାନ ପ୍ରତି ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିବା ପାଇଁ ନୂତନ ଭାବେ କାର୍ଯ୍ୟ ଭାର ନେଇଥିବା ସଦସ୍ୟ ମାନେ ମତ ପ୍ରକାଶ କରିଥିଲେ। ବୈଠକରେ ସମସ୍ତ ବ୍ୟବସାୟୀ ଉପସ୍ଥିତ ଥିଲେ।

● ବର୍ଦ୍ଧିତ ତୈଳ ଦର ପ୍ରତ୍ୟାହାର ଦାବି

# ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

କୋରାପୁଟ,୨୬।୫(ସମିସ): ମଧ୍ୟପ୍ରାଚ୍ୟ ଯୁଦ୍ଧର ଦ୍ୱାହି ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେତୃତ୍ୱାଧୀନ କେନ୍ଦ୍ର ସରକାର ଗତ ଦଶ ଦିନ ମଧ୍ୟରେ ୪ଥର ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି କରିବା ପ୍ରତିବାଦରେ କୋରାପୁଟ ବିଧାନସଭା କ୍ଷେତ୍ର, ବିଜୁ ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପୂର୍ବତନ ବିଧାୟକ ରଘୁରାମ ପଡାଲଙ୍କ ନେତୃତ୍ୱରେ ଶତାଧିକ ଦଳୀୟ ନେତା ଓ କର୍ମୀ ମିଶନ କମ୍ପାଉଣ୍ଡ ଛକ ପେଟ୍ରୋଲ ପମ୍ପ ସମ୍ମୁଖରେ ପ୍ରଧାନମନ୍ତ୍ରୀ ଓ ବିଜେପି ବିରୁଦ୍ଧରେ ନାରାବାଜି କରି ସାଧାରଣ ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ପେଟ୍ରୋଲ ଓ ଡିଜେଲ ଉପରୁ ତୁରନ୍ତ ବର୍ଦ୍ଧିତ ଦର ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। କେନ୍ଦ୍ର ସରକାର ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ନିର୍ଦ୍ଦିଷ୍ଟ କେତେକ ପୁଞ୍ଜିପତି ମାନଙ୍କୁ ଖୁସି କରିବାକୁ ତେଲ ଦର ବୃଦ୍ଧି କରୁଥିବା ଅଭିଯୋଗ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଜୁ ଯୁବ ଜନତା ଦଳ ସଭାପତି ଲଲାଟ ରଞ୍ଜନ ସେଠୀ, ଛାତ୍ର ଜନତା ଦଳ ଜିଲ୍ଲା ସଭାପତି ଫିରୋଜ ପଡ଼ାଲ, ମହିଳା ବିଜେଡି ସଭାନେତ୍ରୀ ପାର୍ବତୀ ମସ୍ତି, ମହିଳା ବିଜେଡି ଜିଲ୍ଲା ଉପ ସଭାନେତ୍ରୀ ଲିଲି ବୁରୁଡି, କୋରାପୁଟ ବ୍ଲକ ସଭାପତି ମଣ୍ଟୁ ବେନିଆ, ଜିଲ୍ଲା ସମ୍ପାଦକ ଲଛମନ ମୁଦୁଲି, ରାଜୁ ଖରା, ସମିତି ସଭ୍ୟା ଗୀତା ମୁଦୁଲି, କାଉନସିଲର କାଦମ୍ବିନୀ ସେଠୀ, ଦୀପଶିଖା କୁଲୁ , ମାଲେଶ୍ୱର୍ ରାଓ, ପ୍ରଫୁଲ୍ଲ ମହାପାତ୍ର, ରବି ପରଜା, ପଦ୍ମା ମୁଦୁଲି, ସୁଭଦ୍ରା ମୁଦୁଲି, ମୁନି ମୁଦୁଲି, ଲିହା ପ୍ରଧାନ, କମଳା ନାୟକ, ଅମିତ ଖୋସଲା, ରଜନୀ ଖୋସ୍‌ଲା, ରୋହନ ପାଙ୍ଗି ପ୍ରମୁଖ ଯୋଗ ଦେଇ କେନ୍ଦ୍ର ସରକାରକୁ ତୀବ୍ର ସମାଲୋଚନା କରିଥିଲେ।



# ଅଳଙ୍କାର ଦୋକାନକୁ ଟାର୍ଗେଟ୍, ଚୋରି ଉଦ୍ୟମ ପଣ୍ଡ





ଗୁଡାରୀ, ୨୬।୫ (ସମିସ): ଗୁଡାରୀରେ କିଛିଦିନ ହେଲାଣି ଦୁର୍ବୃତ୍ତମାନେ ଘରେ ପଶି ଚୋରି କରି ଫେରାର ହେବା ଘଟଣା ସମ୍ମାନାକୁ ଆସୁଛି। ଦୁଇମାସ ତଳେ ବଂଶୀ ଶବର ନାମକ ଜଣେ ଶିକ୍ଷକଙ୍କ ଘରେ ବହୁ ଦିନ ହେଲା ତାଲା ପଡିଥିବା ସୁଯୋଗ ନେଇ ଘରେ ପଶି ଦୁର୍ବୃତ୍ତମାନେ ସୁନା, ଟଙ୍କା ଚୋରି ନେଇଥିଲେ। ପୁରୁଣା ବ୍ୟାଙ୍କ ସାହିର ଜଗଦଶା ଶାସନ ପୁରୀଙ୍କ (ଶ୍ରୀଜଗନ୍ନାଥ ଜୁଏଲାରୀ) ସୁନା ଅଳଙ୍କାର ଦୋକାନକୁ ଟାର୍ଗେଟ କରି ସୋମବାର ରାତ୍ର ପ୍ରାୟ ୧.୩୦ ସମୟରେ ୧୦ ଜଣ ଦୁର୍ବୃତ୍ତ ତାଙ୍କ ମୁଖ୍ୟ ଫାଟକ ଡେଇଁ ସୁନା ଅଳଙ୍କାର ଚୋରି କରିବା ଚେଷ୍ଟା କରୁଥିଲେ। ଏହାର କିଛି ସମୟ ପୂର୍ବରୁ ସେହି ସାହିର ପି.ନବିନ କୁମାର(ଚିନି) ନାମକ ବ୍ୟକ୍ତି ରାତ୍ର ୧ ଘ ସମୟରେ ନିଜ ମୋବାଇଲରେ ତାଙ୍କର ସହରର ମୁଖ୍ୟ ରାସ୍ତାରେ ଥିବା ଲକ୍ଷ୍ମୀ ନାରାୟଣ ଜୁଏଲାରୀ ଏବଂ ମୋବାଇଲ ଦୋକାନ ଆଗରେ ଥିବା ସିସି କେମେରା ଦେଖିଥିଲେ। ସେହି କେମେରାରେ କିଛି ଫୁଟେଜ୍ ଦୃଶ୍ୟମାନ ନ ହେବା ଫଳରେ ସେ ନିଜେ ଘରୁ ବାହାରି ନିଜର ଦୋକାନ ଦେଖିବାକୁ ଯିବା ସମୟରେ ଦୁର୍ବୃତଙ୍କ ହାବୁଡ଼ରେ ପଡ଼ିଯାଇଥିଲେ। ଚୋରି କରିବାକୁ ଆସିଥିବା ଦୁର୍ବୃତ୍ତମାନେ ତାଙ୍କୁ ଅତର୍କିତ ଆକ୍ରମଣ କରିବା ଫଳରେ ମୁଣ୍ଡରେ ଆଘାତ ଲାଗିଥିଲା। ଦୁର୍ବୃତ୍ତମାନେ ସେଠାରେ ଚିନିକୁ ରକ୍ତାକ୍ତ ଅବସ୍ଥାରେ ଛାଡ଼ି ଚାଲିଯାଇଥିଲେ। ଘର ଲୋକ ଜାଣିବା ପରେ ତାଙ୍କୁ ବିଶାଖାପାଟଣା ମେଡିକାଲକୁ ସ୍ଥାନାନ୍ତରଣ କରାଯାଇଛି। ତାଙ୍କର ମୁଣ୍ଡରେ ୭ଟି ଟିଚ୍ ପଡିଥିବା ଜଣାପଡ଼ିଛି।

### ସୁନା ଅଳଙ୍କାର ମାଲିକଙ୍କୁ ଆକ୍ରମଣ

ଅନ୍ୟପଟେ ପି.ନବୀନ ଚିତ୍କାର କରିବା ସହ ଅଚେତ ହୋଇ ପଡି ଯାଇଥିବାରୁ ତାଙ୍କର ଅନ୍ୟ କିଛି ମନେ ନାହିଁ ବୋଲି କହିଛନ୍ତି। ଇତିମଧ୍ୟରେ ଦୁର୍ବୃତ୍ତମାନେ ଧରା ପଡିଯିବା ଭୟରେ ସେଠାରୁ ଫେରାର ହୋଇ ଯାଇଥିବା ଜଣାପଡ଼ିଛି। ଆଜି ଜଣେ ସାଧାରଣ ଲୋକଙ୍କ ପାଇଁ ବଡ଼ଧରଣ ଚୋରି ବର୍ତ୍ତିଯାଇଛି ବୋଲି ସୁନା ଅଳଙ୍କାର ମାଲିକ ଜାଗଦିଶା କହିଛନ୍ତି। ଗୁଡାରୀ ଥାନାଧିକାରୀ ବିଶ୍ୱବନ୍ଦିନୀ ବାଗ ଏବଂ ଏସ୍‌ଆଇ ରୁଦ୍ର ପ୍ରସାଦ ମୁଦୁଲି ଖବର ପାଇ ତୁରନ୍ତ ଘଟଣାସ୍ଥଳକୁ ଯାଇ ଛାନ୍ଭିନ୍ନ ଆରମ୍ଭ କରିଛନ୍ତି। ଜଗଦୀଶଙ୍କ ସୁନା ଅଳଙ୍କାର ଦୋକାନ ଭିତରେ ଥିବା ସିସିଟିଭି ଫୁଟେଜକୁ ଅନୁଧ୍ୟାନ କରି ତଦନ୍ତ ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ଶ୍ରୀମତି ବାଗ କହିଛନ୍ତି ଦୁର୍ବୃତ୍ତମାନଙ୍କୁ ତୁରନ୍ତ ଚିହ୍ନଟ କରାଯିବ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ନଗରକୁ ଗମନାଗମନ ସୁବିଧା ହେବ, ଫଳରେ ବାହାରରୁ ଆସିଥିବା ବିଭିନ୍ନ ପ୍ରକାରର ଲୋକେ, କିଏ କେଉଁ କାମ ନେଇ ଆସୁଛି, ତାହା ଚିହ୍ନଟ କରିବା ଅତ୍ୟନ୍ତ କାଠିକର ପାଠ। ଏଣୁ ସହରର ସିସି କ୍ୟାମେରା ଲଗାଇବା ଆବଶ୍ୟକ। ସହରରେ ଚୋରି ଘଟଣାକୁ ନେଇ ଗୁଡାରୀ ଏନ୍‌ଏସି ଚେୟାରମ୍ୟାନ ସୁଶ୍ରୀ ସରମିତା ଶବର କହିଛନ୍ତି ତୁରନ୍ତ ପରିଷଦ ଚାରିପଟେ କେମେରା ଲଗାଯିବ । ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ବର୍ଷ ଶେଷ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି କହିଛନ୍ତ। ପରିଷଦର ଇଓ ଶ୍ରୀ ପାଢି ମଧ୍ୟ ଅଧ୍ୟକ୍ଷା କଥାରେ ସହମତ ହୋଇଛନ୍ତି। ଜିଲ୍ଲା ବିଜେଡି ଉପସଭାପତି ସନ୍ତୋଷ ମହାନ୍ତି କହିଛନ୍ତି, ଏଥିପାଇଁ ଚିଠା ପ୍ରସ୍ତୁତ କରି ପଠାଯାଇଛି। ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ।

# ଏସ୍‌ଆଇଆର ପ୍ରାକ୍ ଖସଡ଼ା ପ୍ରଶିକ୍ଷଣ ଶିବିର



ପାପଡାହାଣ୍ଡି,୨୬।୫ (ସମିସ): ଆଜି ପାପଡାହାଣ୍ଡି ବ୍ଲକରେ ସ୍ୱତନ୍ତ୍ର ସଂକ୍ଷିପ୍ତ ପୁନରୀକ୍ଷଣ (ଏସ୍‌ଆଇଆର୍)ର ପ୍ରାକ୍-ଖସଡା କାର୍ଯ୍ୟକଳାପ ସମ୍ବନ୍ଧୀୟ ଏକ ପ୍ରଶିକ୍ଷଣ ଶିବିର ସଫଳତାର ସହିତ ଆୟୋଜିତ ହୋଇଥିଲା। ଏହି ପ୍ରଶିକ୍ଷଣରେ ପାପଡାହାଣ୍ଡି ବ୍ଲକର ୧୨୨ ଜଣ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍‌ଓ), ଡାବୁଗାଁ ବ୍ଲକର ୪ ଜଣ ବିଏଲ୍‌ଓ ଓ ୧୨ ଜଣ ପର୍ଯ୍ୟବେକ୍ଷକ ଅଂଶଗ୍ରହଣ କରିଥିଲେ। ଏହି ପ୍ରଶିକ୍ଷଣ ଶିବିର ପାପଡାହାଣ୍ଡି ବ୍ଲକ ଉନ୍ନୟନ ଅଧିକାରୀଙ୍କ କପିଳଦେବ ସାହୁଙ୍କ ଉପସ୍ଥିତିରେ ଆୟୋଜିତ ହୋଇଥିଲା। ସେହିପରି ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ କାମଳେନ୍ଦୁ ଦାଶ ଓ ଗିରିଜା ପ୍ରସାଦ ଦଳାଇ ପେସା ସମନ୍ୱୟକାରୀ ମଧ୍ୟ ପ୍ରଶିକ୍ଷଣ କାର୍ଯ୍ୟରେ ସହଯୋଗ କରିଥିଲେ। ପ୍ରଶିକ୍ଷଣଟି ପ୍ରକାଶ କୁମାର ପଣ୍ଡା , ବିଧାନସଭା ସ୍ତରୀୟ ମାଷ୍ଟର ପ୍ରଶିକ୍ଷକଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ପ୍ରଶିକ୍ଷଣ ସମୟରେ ଗଣନା ପତ୍ର କିପରି ସଠିକ ଭାବେ ପୂରଣ କରାଯିବ, ବୁଥ୍ ସ୍ତରୀୟ ଅଧିକାରୀ, ପର୍ଯ୍ୟବେକ୍ଷକ, ବୁଥ୍ ସ୍ତରୀୟ ସ୍ୱେଚ୍ଛାସେବୀ ଓ ବୁଥ୍ ସ୍ତରୀୟ ପ୍ରତିନିଧିମାନଙ୍କର ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିସହ ଏସ୍‌ଆଇଆର୍ ପ୍ରକ୍ରିୟାର ବିଭିନ୍ନ ପର୍ଯ୍ୟାୟ ଓ କାର୍ଯ୍ୟପ୍ରଣାଳୀ ସମ୍ବନ୍ଧରେ ମଧ୍ୟ ସମସ୍ତଙ୍କୁ ଅବଗତ କରାଯାଇଥିଲା। ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପ୍ରାକ୍-ଖସଡା କାର୍ଯ୍ୟକଳାପକୁ ସୁଚାରୁ ଭାବେ କାର୍ଯ୍ୟକରୀ କରିବା ସହ କ୍ଷେତ୍ରସ୍ତରରେ ସମନ୍ୱୟ, ସଚେତନତା ଓ କାର୍ଯ୍ୟଦକ୍ଷତା ବୃଦ୍ଧି କରିବା।

# ଚାଷୀଙ୍କୁ ହଇରାଣ କଲେ ମିଲର୍ସଙ୍କୁ ଉଚିତ ଜବାବ୍ ମିଳିବ: ଗୌରୀ ଶଙ୍କର ମାଝୀ



ନବରଙ୍ଗପୁର, ୨୬।୫ ସମିସ): ଚଳିତ ୨୦୨୫-୨୬ ବର୍ଷ ନିମନ୍ତେ ରବି ଧାନ ମଣ୍ଡିର ଶୁଭାରମ୍ଭ ହୋଇଛି। ନବରଙ୍ଗପୁର ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ଯୋଗ ଦେଇ କହିଲେ, ସରକାର ଚାଷୀଙ୍କୁ ଯାହା ପ୍ରତିଶ୍ରୁତି ଦେଇଥିଲେ, ତାହା ରଖିଛନ୍ତି ମୋହନ ସରକାର । ରବି ଋତୁ ଧାନ ବିକ୍ରୟ ସମୟରେ କୌଣସି ମିଲର୍ସ ଯଦି ଚାଷୀଙ୍କୁ ଯେକୌଣସି ମାଧ୍ୟମରେ ହଇରାଣ କରନ୍ତି, ତା'ହେଲେ ସଠିକ୍ ସମୟରେ ସଠିକ୍ ଜବାବ ମିଲର୍ସଙ୍କୁ ଦିଆଯିବ। ଏଥି ସହିତ କାର୍ଯ୍ୟକ୍ରମରେ ଉପସ୍ଥିତ ମିଲର୍ସ ସଭାପତିଙ୍କୁ ଚଳିତ ମଣ୍ଡି କିଭଳି ସୁରୁଖୁରୁରେ ଚାଲିବ ଏବଂ ଚାଷୀଙ୍କୁ ଯେପରି କୌଣସି ମିଲର୍ସ ହଇରାଣ ନ କରନ୍ତି, ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାପାଇଁ ସଭାପତିଙ୍କୁ ଅନୁରୋଧ କରିଛନ୍ତି ମୁଖ୍ୟ ଅତିଥି ତଥା ବିଧାୟକ ଶ୍ରୀ ମାଝୀ। ଏହି ଅବସରରେ ସମ୍ମାନିତ ଅତିଥି ଭାବରେ କୋରାପୁଟ ସମବାୟ ସମିତିର ପୂର୍ବତନ ସଭାପତି ଝାଡେଶ୍ୱର ଖାଡ଼ଙ୍ଗା ଯୋଗଦେଇ ରାଜ୍ୟର ଅନ୍ୟ ସମସ୍ତ ମଣ୍ଡି ଅପେକ୍ଷା ନବରଙ୍ଗପୁର୍ ଜିଲ୍ଲାରେ ହିଁ ବହୁ ସୁନ୍ଦର ଭାବରେ ମଣ୍ଡି ପରିଚାଳନା କରାଯାଉଛି । ବିଶେଷ କିଛି ଅସୁବିଧାର ସମ୍ମୁଖୀନ ନ ହୋଇ ଚାଷୀ ବହୁତ୍ ସୁନ୍ଦର୍ ଭାବରେ ନିଜ ନିଜର ଧାନ ବିକ୍ରୟ କରିପାରୁଛନ୍ତି ଏବଂ ଏହି ସମସ୍ତଙ୍କ ସହଯୋଗରେ ହିଁ ସମ୍ଭବ ହୋଇପାରୁଛି। ଆଗାମୀ ଦିନରେ ମଧ୍ୟ ସମ୍ଭବ ହୋଇପାରିବ ବୋଲି କହିଛନ୍ତି ଶ୍ରୀ ଖାଡ଼ଙ୍ଗା। ଏହି ଅବସରରେ ଅନ୍ୟତମ ସମ୍ମାନିତ ଅତିଥି ନବରଙ୍ଗପୁର ମିଲର୍ସ ସଂଘର ସଭାପତି କାହ୍ନୁ ଦାସ ଯୋଗ ଦେଇ ଜିଲ୍ଲାରେ ସବୁ ସମୟରେ ଚାଷୀଙ୍କୁ ସମସ୍ତ ପ୍ରକାର ସହଯୋଗ କରାଯାଉଛି ଏବଂ ଆଗାମୀ ଦିନରେ ମଧ୍ୟ କେବେ ମଧ୍ୟ ଚାଷୀ କୌଣସି ଅସୁବିଧାର ସମ୍ମୁଖିନ ଯେପରିକି ହେବେ ନାହିଁ ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି କହିଛନ୍ତି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଚାଷୀ କିଭଳି ସେମାନଙ୍କ ଧାନ ବିକ୍ରୟ କରିପାରିବେ ସେଥିପାଇଁ ମିଲର୍ସ ପକ୍ଷରୁ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ମିଲର୍ସ ସଭାପତି ଶ୍ରୀ ଦାସ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଭାସ ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ମନୋଜ କୁମାର ବେହେରା, ରାଜେନ୍ଦ୍ର ତ୍ରିପାଠୀ,ସରୋଜ କୁମାର ପାତ୍ର ପ୍ରମୁଖଙ୍କ ସମେତ ଡିଆର୍‌ସିଏସ ଶରତ ଚନ୍ଦ୍ର ପାଣିଗ୍ରାହୀ, ଏଆରସିଏସ ଶିବ ପ୍ରଧାନ ମଞ୍ଚାସୀନ ହୋଇଥିଲେ। ଚଳିତ ବର୍ଷ ନବରଙ୍ଗପୁର, ନନ୍ଦାହାଣ୍ଡି, ଉମରକୋଟ, କୋଷାଗୁମୁଡା ଓ ଚନ୍ଦାହାଣ୍ଡି ଏଭଳି ୫ଟି ବ୍ଲକରେ ଧାନ କ୍ରୟ କରାଯିବ। ଏହି ଧାନକୁ ନବରଙ୍ଗପୁର ଲ୍ୟାମ୍ପସ୍, ନନ୍ଦାହାଣ୍ଡି ଲ୍ୟାମ୍ପସ୍, ଉମରକୋଟ ଲ୍ୟାମ୍ପସ୍, କୋଷାଗୁମୁଡ଼ା ଲ୍ୟାମ୍ପ୍‌ସ ଏବଂ ଚାନ୍ଦା ହାଣ୍ଡି ଲ୍ୟାମ୍ପ୍‌ସ କ୍ରୟ କରିବେ। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ଅଧିକ ସଂଖ୍ୟକ ଚାଷୀ ପଞ୍ଜିକରଣ କରିଛନ୍ତି। ଗତ ରବି ଋତୁରେ ୧୦୫୨ ଜଣ ଚାଷି ପଞ୍ଜୀକରଣ କରିଥିବା ବେଳେ ଚଳିତ ବର୍ଷ ୨୨୨୧ ଜଣ ଚାଷୀ ମାନେ ପଞ୍ଜିକରଣ କରିଛନ୍ତି। ଚଳିତ ବର୍ଷ ପ୍ରଥମ ପର୍ଯ୍ୟରରେ ୪୧୮୫୦ କ୍ୟୁଣ୍ଟାଲ ଧାନ କ୍ରୟ କରିବା ପାଇଁ ଲକ୍ଷ ଧାର୍ଯ୍ୟ କରାଯାଇଛି। ଚାଷୀଙ୍କୁ କ୍ୟୁଣ୍ଟାଲ ପିଛା ୨୩୬୮ ଟଙ୍କା ସମେତ ୭୩୧ ଟଙ୍କା ଇନପୁଟ ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ଜିଲ୍ଲା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ କପିଳେନ୍ଦ୍ର ଶାସମଲ୍ ସୂଚନା ପ୍ରଦାନ କରିଥିଲେ। ଏହି ବୈଠକକୁ ଆର୍‌ଏମ୍‌ସି ସମ୍ପାଦକ କପିଳେନ୍ଦ୍ର ସାସମଲ୍ ପରିଚାଳନା କରିଥିବା ବେଳେ ନିୟନ୍ତ୍ରିତ ବଜାର କମିଟି ସୁପର ଭାଇଜର ବି.ଗଙ୍ଗା ରାଓ, ବାବୁନି ପାଳ, କିରାଣୀ ଘନ ନାୟକ , ରାଜେନ୍ଦ୍ର ପଟ୍ଟନାୟକ ଆକାଉଣ୍ଟାଣ୍ଟ ନିସଙ୍କ ପଟ୍ଟନାୟକ, ସନ୍ତୋଷ କୁମାର ପାଳଙ୍କ ସମେତ ଆରଏମସି କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀ ଏବଂ ଚାଷୀମାନଙ୍କ ସମେତ ମିଲ୍ ମାଲିକ ମାନେ ଉପସ୍ଥିତ ରହିଥିଲେ।

> ଜିଲ୍ଲାରେ ସୁବିଧାରେ ଧାନ ବିକ୍ରୟ କରିପାରୁଛନ୍ତି ଚାଷୀ : ଝାଡେଶ୍ୱର ଖାଡ଼ଙ୍ଗା
> ଧାନ ବିକ୍ରୟରେ ଚାଷୀଙ୍କୁ ସହଯୋଗ କରାଯିବ: କାହ୍ନୁ ଦାସ

## ଜୟପୁର-ମାଳକାନଗିରି ନୂଆ ରେଳ ଲାଇନ୍ ଜମି ମୂଲ୍ୟାୟନକୁ ବିରୋଧ

# ଏକର ପିଛା କୋଟିଏ, ଚାକିରି ଦାବି କଲେ ଜମିହରା



କୋରାପୁଟ,୨୬।୫(ସମିସ): ପ୍ରସ୍ତାବିତ ଜୟପୁର ମାଲକାନଗିରି ନୂତନ ରେଳ ଲାଇନ ପାଇଁ ଜମି ଅଧିଗ୍ରହଣ ଚାଲିଥିବା ବେଳେ ଜମିର ମୂଲ୍ୟାୟନ ନେଇ ବୈ÷ପାରିଗୁଡା ବ୍ଲକର ଜମି ମାଲିକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜମିହରା ସଂଘର ପଦ୍ମନ ମାଳି, ଗୁରୁନାଥ ସଗରିଆ, ଦୀନବନ୍ଧୁ ମାଳି, ଧନୁର୍ଜୟ ସଗରିଆ ପ୍ରମୁଖ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଭେଟି ଜମିର ମୂଲ୍ୟାୟନ ପୁନର୍ବାର କରିବାକୁ ଦାବି କରିବା ସହ ମୁଖ୍ୟମନ୍ତ୍ରୀ ଏବଂ ରେଳ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଜମିହରାଙ୍କ ଅଭିଯୋଗ ମୁତାବକ ନବରଙ୍ଗପୁର, ମାଥିଲି ଓ ମାଲକାନଗିରିରେ ଚାଷ ଜମି ବାବଦରେ ସାଧାରଣ ବର୍ଗର ଜମି ନିମନ୍ତେ ଏକର ପିଛା ଏକ କୋଟି ଟଙ୍କା ଦିଆଯାଇଛି। କିନ୍ତୁ ବିଡ଼ମ୍ବନାର ବିଷୟ ବୈପାରିଗୁଡାରେ ଜମି ମାଲିକ ମାନେ ଅନୁସୂଚୀତ ଜାତି ଓ ଜନଜାତି ସମ୍ପ୍ରଦାୟର ବୋଲି ସେମାନଙ୍କୁ ଏକର ପିଛା ମାତ୍ର ତିନି ଲକ୍ଷ ଟଙ୍କା ଦିଆଯାଉଛି। ଏହା କଦାପି ଗ୍ରହଣୀୟ ନୁହେଁ, ସେମାନଙ୍କୁ ଜମି ବାବଦରେ ଏକର ପିଛା ଏକ କୋଟି ଟଙ୍କା ଦେବା ସହ ପରିବାରର ଜଣକୁ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଚାକିରି, ସମ୍ପୂର୍ଣ୍ଣ ଜମିହିନ ହେଉଥିବା ଚାଷୀକୁ ଚାଷ ପାଇଁ ସରକାରୀ ଜମି ଓ ଘରବାରି ପଟ୍ଟା ଦେବାକୁ ଦାବି କରିଛନ୍ତି। ବିନା ପଲ୍ଲୀସଭା ଓ ଜନ ଶୁଣାଣିରେ ଜମି ଅଧିଗ୍ରହଣ କରିବାକୁ ଦିଆଯିବନାହିଁ ବୋଲି ଚେତାବନୀ ଦେବା ସହ ସରକାର ସେମାନଙ୍କ ଦାବି ପୂରଣ ନକରିଲେ ରାଜରାସ୍ତାରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

● ନନ୍ଦପୁର ବ୍ଲକରେ ଉନ୍ନୟନ କାର୍ଯ୍ୟ

# ବିଡିଓଙ୍କ ସହ ଲୋକ ପ୍ରତିନିଧିଙ୍କ ଆଲୋଚନା



ନନ୍ଦପୁର,୨୬।୫(ସମିସ): ନନ୍ଦପୁର ବ୍ଲକ ଉପାଧ୍ୟକ୍ଷ ଗୋପାଳ ହନ୍ତାଳଙ୍କ ଅଧକ୍ଷତାରେ ନନ୍ଦପୁରର ୨୩ ଗୋଟି ଗ୍ରାମପଞ୍ଚାୟତର ଲୋକ ପ୍ରତିନିଧି ଦଳ ତଥା ସରପଞ୍ଚ ଓ ସମିତି ସଭ୍ୟମାନେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୂର୍ଗା ପ୍ରସାଦ ଦୋରାଙ୍କ ସହ ସାକ୍ଷାତ କରି ନନ୍ଦପୁର ବ୍ଲକର ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିବା ଜଣାପଡ଼ିଛି। ସରକାରଙ୍କ ବିଭିନ୍ନ ଯୋଜନାକୁ ପଞ୍ଚାୟତ ସ୍ତରରେ କାର୍ଯ୍ୟକାରୀ କରିବା ଲାଗି ବିଭିନ୍ନ ପ୍ରକଳ୍ପ ପାଇଁ ଆବଶ୍ୟକ ପାଣ୍ଠି ଯଥା ଡିଏମ୍ଏଫ ଓ ଅନ୍ୟାନ୍ୟ ସରକାରୀ ପାଣ୍ଠିର ସୁ ବିନିଯୋଗ ଓ ସ୍ଥାନୀୟ ଲୋକପ୍ରତିନିଧି ମାନଙ୍କ ସହଭାଗିତା ନେଇ ଆଲୋଚନା ସରଗରମ ହୋଇଥିଲା। ଡିଏମ୍ଏଫ୍ ଅନ୍ତର୍ଗତ ପ୍ରକଳ୍ପ ଓ ଅନୁଦାନ ପଞ୍ଚାୟତ ଅନ୍ତର୍ଗତ କେତେ ଓ କେଉଁଠି ବିନିଯୋଗ ହେଉଛି ତାହାର ଖର୍ଚ୍ଚର ବିବରଣୀ ସ୍ଥାନୀୟ ଲୋକପ୍ରତିନିଧି ଜାଣିବାର ଆବଶ୍ୟକତା ରହିଛି। ହେଲେ ନିକଟରେ ଏସବୁ ପାଣ୍ଠିର କାର୍ଯ୍ୟକାରିତା ନେଇ ଲୋକ ପ୍ରତିନିଧି ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଏସବୁ ପାଣ୍ଠିର ସୁପରିଚାଳନା ନେଇ ମଙ୍ଗଳବାର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଆଲୋଚନା କରାଯାଇଛି।

● ନାରାୟଣପାଟଣାରେ କାଳବୈଶାଖୀର ତାଣ୍ଡବ

# ଉଡ଼ିଗଲା ୩ ଘରର ଛପର, ଭାଙ୍ଗିଲା ସିଏଚ୍‌ସି ପାଚେରି



ନାରାୟଣପାଟଣା,୨୬।୬(ସମିସ): କୋରାପୁଟ ଜିଲ୍ଲାର ନାରାୟଣପାଟଣା ବ୍ଲକ୍ ସଦର ମହକୁମାରେ ଅଧଘଣ୍ଟାର କାଳବୈଶାଖୀର ତାଣ୍ଡବରେ ଜନଜୀବନ ବେହାଲ ହୋଇଛି। ୩୦ରୁ ଅଧିକ ଦୋକାନ ଘର ଛପର ଉଡିବା ସହ ଅନେକ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଛି। ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ଗଛପଡି ପାଚେରି ଭାଙ୍ଗି ଯାଇଛି। ଢେପାଗୁଡା ସ୍ଥିତ ମାଲତୀ ମାଣ୍ଡିଙ୍ଗୀଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ନଷ୍ଟ ହୋଇଯାଇଛି। ମା' ତାରିଣୀ ଅସ୍ଥାୟୀ ମନ୍ଦିର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ଫଳରେ ଅନେକ ଭକ୍ତ ପ୍ରଶାସନକୁ ଅନୁରୋଧ କରିଛନ୍ତି ତୁରନ୍ତ ମା ତାରିଣୀଙ୍କ ମନ୍ଦିର ମରାମତି ସହ ନୂତନ ମନ୍ଦିର କରାଯିବାକୁ ପ୍ରଶାସନକୁ ଅନୁରୋଧ କରିଛନ୍ତି। ଏହାସହ ଅନେକ ଜାଗାରେ କ୍ଷୟକ୍ଷତି ହୋଇଥିବା ଖବର ମିଳିଛି। ଅଗ୍ନିଶମ ବିଭାଗ ଗଛ କାଟି ଯାତାୟତ ସ୍ୱାଭାବିକ କରିଛି ଓ ପ୍ରବଳ ପବନ ଓ ବର୍ଷା ଯୋଗୁଁ ବିଦ୍ୟୁତ ତାର ଛିଣ୍ଡି ବିଦ୍ୟୁତ ସରବରାହ ବନ୍ଦ ରହିଛି। ସେହିପରି ବିଦ୍ୟୁତ ବିଭାଗ କର୍ମଚାରୀ ବିଦ୍ୟୁତ ତାର ଗୁଡିକ ସଜାଡି ପାଇଁ ଆରମ୍ଭ କରିଥିବା ବେଳେ ଆଜି ରାତ୍ର ସୁଦ୍ଧା ବିଦ୍ୟୁତ ସରବରାହ ସ୍ୱାଭାବିକ କରାଯିବ ବୋଲି ଯନ୍ତ୍ରୀ କହିଛନ୍ତି। ଅନ୍ୟପଟେ ପ୍ରଚଣ୍ଡ ଗ୍ରୀଷ୍ମ ତାତି ସହ ମୁଣ୍ଡଫଟା ଖରାର ପ୍ରକୋପ ଦେଖିବାକୁ ମିଳିଥିଲା। ହେଲେ ଆଜି କାଳବୈଶାଖୀ ପରେ ତାତିରୁ ଲୋକଙ୍କୁ ମିଳିଛି ସାମାନ୍ୟ ଆଶ୍ୱସ୍ତି।



● ତିନି ମାସ ହେଲା ମିଳୁନି ବାର୍ଦ୍ଧକ୍ୟ ଭତ୍ତା

# ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଅଧିକାରୀଙ୍କ ଦ୍ୱାରସ୍ଥ ବୃଦ୍ଧବୃଦ୍ଧା



ପଟ୍ଟାଙ୍ଗି,୨୬।୫(ସମିସ): ପ୍ରବଳ ଖରାରେ ସରକାର ଘରେ ରହିବା ପାଇଁ ନିବେଦନ କରିଥିବା ବେଳେ 'ସରକାରୀ ବାବୁ ଆମ ଦୁଃଖ ବୁଝ' ବୋଲି କହି ବ୍ଲକରେ ପହଞ୍ଚିଲେ ବୃଦ୍ଧ ବୃଦ୍ଧା। ଦୀର୍ଘ ତିନି ମାସ ହେଲାଣି ପଟ୍ଟାଙ୍ଗି ବ୍ଲକର ୧୪ ଗୋଟି ପଞ୍ଚାୟତର ବ୍ୟାଙ୍କ ଆକାଉଣ୍ଟକୁ ଆସୁଥିବା ଭତ୍ତା ହିତାଧିକାରୀଙ୍କୁ ମିଳୁନି ଭତ୍ତା। ଯାହାଫଳରେ ସେମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ନଜରକୁ ଆସୁଛି। କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ୍‌ରେ ରହିଛି ୧୪ ଗୋଟି ପଞ୍ଚାୟତ ଯଥା ପଟ୍ଟାଙ୍ଗି, ମାଳିପୁଟ, ଦେଓପଟ୍ଟାଙ୍ଗି, ପୁକାଲି, ଚନ୍ଦକା, ସାମ୍ବାଇ, ସୁଙ୍କି, ତଳଗୋଲୁର୍, ଆମ୍ବାବାଲି, ରାଲେଗଡା, ନୂଆଗାଁ, କୋଟିଆ ଆଦି ପଞ୍ଚାୟତ ରହିଛି। ଉକ୍ତ ପଞ୍ଚାୟତ ଗୁଡିକରେ ଯାହାର ବ୍ୟାଙ୍କ୍ ଆକାଉଣ୍ଟକୁ ଭତ୍ତା ଟଙ୍କା ଆସୁନାହିଁ, ସେମାନଙ୍କୁ ପଞ୍ଚାୟତ ପ୍ରଶାସନ ଟଙ୍କା ଉଠାଇ ଆଣି ବାଣ୍ଟି ଦେଉଛନ୍ତି। କିନ୍ତୁ ଯାହାର ନିଜ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଆସୁଛି ସେମାନଙ୍କୁ ଦୀର୍ଘ ତିନି ମାସ ହେଲାଣି ଭତ୍ତା ଟଙ୍କା ମିଳିନଥିବା ନେଇ ଅଭିଯୋଗ ହେଉଛି। ଫଳରେ ସେମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ନଜରକୁ ଆସୁଛି। ବିଭିନ୍ନ ପଞ୍ଚାୟତର ବୃଦ୍ଧବୃଦ୍ଧା ମାନେ ଡହ ଡହ ଖରାରେ ଚାଲି ଚାଲି ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ନଜରକୁ ଆସିଛି। ସରକାର ଉକ୍ତ ପ୍ରବଳ ଖରାରେ ସମସ୍ତ ଜନତାକୁ ଘରେ ରହିବା ନିମନ୍ତେ ନିବେଦନ କରିଛନ୍ତି। କିନ୍ତୁ ପରିସ୍ଥିତି ସେମାନଙ୍କୁ ବାଧ କରୁଛି ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଆସିବାକୁ। ସେମାନେ ଆସି ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକଙ୍କୁ ନିଜ ଅବ୍ୟବସ୍ଥା ନେଇ କହୁଥିବା ଦେଖିବାକୁ ମିଳିଛି। ଆମ ଦେହରେ ବର୍ତ୍ତମାନ କାମ କରିବାକୁ ସକ୍ଷମତା ନାହିଁ। ଆମେ ସରକାର ଦେଉଥିବା ଭତ୍ତା ଟଙ୍କା ଉପରେ ହିଁ ନିର୍ଭରଶୀଳ ଅଟୁ। ସରକାର ବର୍ତ୍ତମାନ କେବଳ ଚାଉଳ ଦେଉଛନ୍ତି। ଖାଲି ଚାଉଳ ସିଝାଇ ଖାଇବୁ କି ବୋଲି ପ୍ରଶ୍ନ କରିଛନ୍ତି। ତିନି ମାସ ହେଲାଣି ବାର୍ଦ୍ଧକ୍ୟ ଭତ୍ତା ମିଳୁନଥିବା ଯୋଗୁ ବହୁକଷ୍ଟରେ ସେମାନେ ଚଳୁଥିବା କହିଛନ୍ତି। ବୃଦ୍ଧା ମାନଙ୍କ ଏହି କଷ୍ଟକୁ ଦେଖି ସହି ନପାରି ସ୍ଥାନୀୟ ପଟ୍ଟାଙ୍ଗି ସରପଞ୍ଚ ଆଲମେ ଫୁଲ ମଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ନାୟକଙ୍କ ନିକଟରେ ପହଞ୍ଚି ଉକ୍ତ ସମସ୍ୟା ନେଇ ପ୍ରଶ୍ନ କରିଥିବା ଦେଖିବାକୁ ମିଳିଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ନାୟକ ଏଥିନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବୁ ବୋଲି କହୁଥିବା ନଜରକୁ ଆସିଛି।

# ଖଲାସୀ ସଂଘର ଆନ୍ଦୋଳନ ପ୍ରତ୍ୟାହୃତ

ଉମରକୋଟ,୨୬।୫(ସମିସ): ଉମରକୋଟ ଖଲାସୀ ସଂଘ ପକ୍ଷରୁ ପାଉଣା ବୃଦ୍ଧି ଦାବିରେ ୯ ଦିନ ଧରି ଆନ୍ଦୋଳନ ଜାରି ରହିଥିଲା। ଆଜି ବଣିକ ସଂଘ ୨୦ ପ୍ରତିଶତ ପାଉଣା ବୃଦ୍ଧି କରିବାକୁ ପ୍ରତିଶ୍ରୁତି ଦେବା ପରେ ଏହି ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ସୂଚନା ଅନୁସାରେ, ଗତ ୨୦୨୨ ମସିହାରେ ବ୍ୟବସାୟୀ ସଂଘ ଓ ଖଲାସୀ ସଂଘ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ହୋଇ ପାଉଣା ବୃଦ୍ଧି ପାଇଥିଲା। ତେବେ ଚୁକ୍ତିରେ ୨୦୨୭ ପର୍ଯ୍ୟନ୍ତ ପାଉଣା ବୃଦ୍ଧି ପାଇବ ନାହିଁ ବୋଲି ଉଲ୍ଲେଖ ଥିଲା। କିନ୍ତୁ ଖଲାସୀ ସଂଘ ବର୍ଷକ ପୂର୍ବରୁ ପାଉଣା ବୃଦ୍ଧି ଦାବି କରି ୧୭ ତାରିଖରୁ ସହରକୁ ଆସୁଥିବା ମାଲବାହୀ ଟ୍ରକ୍‌ରୁ ଲୋଡିଙ୍ଗ ଓ ଅନ୍ ଲୋଡିଙ୍ଗ ବନ୍ଦ କରିଦେଇଥିଲା। ଫଳରେ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ପାଇଥିଲା। କେବଳ ଆଳୁ କିଲୋ ପ୍ରତି ୫ଟଙ୍କା ବୃଦ୍ଧି ପାଇଛି ଓ ଏହାର ସୁଯୋଗ ନେଇ ସହରର କିଛି ବ୍ୟବସାୟୀ ବାହାରୁ ଜିନିଷ ଆଣି ଚଢ଼ା ଦରରେ ବିକ୍ରି କରିଥିଲେ। ପ୍ରଶାସନ ପକ୍ଷରୁ ଥରେ ମାତ୍ର ବୈଠକ କରି ନିଜ ଦାୟୀତ୍ୱକୁ ସମାପ୍ତ କରି ବସି ପଡ଼ିଥିଲା। ଆଜି ବଣିକ ସଂଘ ଓ ଖଲାସୀ ସଂଘର ମିଳିତ ବୈଠକ ବରିଷ୍ଠ ଆଇନଜୀବୀ ତଥା ଖଲାସୀ ସଂଘର ସଭାପତି ଶାନ୍ତନୁ କୁମାର ବାହିନୀପତିଙ୍କ ଅଫିସରେ ହୋଇଥିଲା। ବ୍ୟବସାୟୀ ସଂଘ ୨୦ ପ୍ରତିଶତ ପାଉଣା ବୃଦ୍ଧି ପାଇଁ ରାଜି ହୋଇଥିଲା। ଏହାପରେ ଖଲାସୀ ସଂଘ କାର୍ଯ୍ୟ ଆରମ୍ଭ କରିବ ବୋଲି କହିଛି। ବୈଠକରେ ବଣିକ ସଂଘ ପକ୍ଷରୁ ଆଇନ ଉପଦେଷ୍ଟା ପ୍ରଶାନ୍ତ କୁମାର ସାହୁ, ସଭାପତି ଦ୍ୱାରିକାନାଥ ପାଣିଗ୍ରାହୀ, ସମ୍ପାଦକ ଲଛମନ ଅଗ୍ରୱାଲ, ଶ୍ରୀନିବାସ ପଣ୍ଡା, ସୁରେଶ ବଂଶଲ, ଅନିଲ ବଂଶଲ, ବାପି ଚୌଧରୀ, ଖଲାସୀ ସଂଘ ପକ୍ଷରୁ ସଭାପତିଙ୍କ ସହ ୧୮ଟି ସଂଘର ସଭାପତି ଓ ସଭ୍ୟମାନେ ଉପସ୍ଥିତ ଥିଲେ। ଦୁଇ ପକ୍ଷକୁ ନେଇ ଚୁକ୍ତିନାମା ସ୍ୱାକ୍ଷର ହେବ ବୋଲି ଖଲାସୀ ସଂଘର ସଭାପତି ଶାନ୍ତନୁ ବାହିନୀପତି ସୂଚନା ଦେଇଛନ୍ତି।

■ ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ

# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମୀକ୍ଷା ବୈଠକ

## ରାୟଗଡ଼ର ଜିଲ୍ଲା ନୋଡାଲ ଅଧିକାରୀମାନେ ସାମିଲ

ରାୟଗଡ଼,୨୬।୫(ସମିସ ): ରାଜ୍ୟରେ ଚାଲିଥିବା ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ (ଏସଆଇଆର) ପ୍ରକ୍ରିୟା-୨୦୨୬କୁ ରାୟଗଡ଼ ଜିଲ୍ଲାରେ ଅଧିକ ସୁଦୃଢ ଓ ବ୍ୟାପକ କରିବା ପାଇଁ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଓଡିଶାର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ଗୁରୁତ୍ୱପୂର୍ଣ୍ଣ ଭିଡିଓ କନଫରେନ୍ସିଂ ବୈଠକରେ ରାୟଗଡ଼ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ, ସୁଶ୍ରୀ ମାନୁଏଲା ପ୍ରିୟଦର୍ଶିନୀ, ଡେପୁଟି କଲେକ୍ଟର (ନିର୍ବାଚନ), ସୁଶ୍ରୀ ବିଚିତ୍ରା ସେଠୀ, ଆସିଷ୍ଟାଣ୍ଟ କଲେକ୍ଟର (ନିର୍ବାଚନ) ପମୁଖ ଯୋଗ ଦେଇଥିଲେ। ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ଥିବା ଭୋଟରଙ୍କ ନିକଟରେ ପହଞ୍ଚିବା ଏବଂ ଭୋଟର ସଚେତନତା ବୃଦ୍ଧି ଦିଗରେ ଗଣମାଧ୍ୟମ ପରିଚାଳନା, ଫେସବୁକ-ଏକ୍ସ ଭଳି ସୋସିଆଲ ମିଡିଆ କୌଶଳ ଏବଂ ସାଧାରଣ ଯୋଗାଯୋଗର ସଫଳ ବ୍ୟବହାର ନେଇ ରାୟଗଡ଼ ଜିଲ୍ଲା ନୋଡାଲ ଅଧିକାରୀମାନଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ବିଶେଷ ମାର୍ଗଦର୍ଶନ ଦେଇଛନ୍ତି। ଏହି ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟାର ତୃତୀୟ ପର୍ଯ୍ୟାୟ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କାର୍ଯ୍ୟସୂଚୀ ଜାରି କରାଯାଇଛି। ଆସନ୍ତା ୧. ୭.୨୦୨୬କୁ ନିର୍ବାଚନ ସଂଶୋଧନର ଯୋଗ୍ୟତା ଅର୍ଜନ ତାରିଖ ଭାବେ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ରାୟଗଡ଼ ଜିଲ୍ଲାରେ ଗତ ମେ ୨୦ ତାରିଖରୁ ଆରମ୍ଭ ହୋଇଥିବା ପ୍ରାଥମିକ ପ୍ରସ୍ତୁତି, ପ୍ରଶିକ୍ଷଣ ଓ ପ୍ରିଣ୍ଟିଂ କାର୍ଯ୍ୟ ଆସନ୍ତା ମେ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାପରେ ମେ ୩୦ ରୁ ଜୁନ୍ ୨୮ ତାରିଖ ମଧ୍ୟରେ ଜିଲ୍ଲାର ସମସ୍ତ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲଓ ) ମାନେ ଘରକୁ ଘର ବୁଲି ତଥ୍ୟ ଯାଞ୍ଚ କରିବେ। ଏହି ସମୟ ମଧ୍ୟରେ ଅର୍ଥାତ୍ ଜୁନ୍ ୨୮ ସୁଦ୍ଧା ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିଯୁକ୍ତକରଣ କାର୍ଯ୍ୟ ମଧ୍ୟ ଶେଷ କରାଯିବ। ପରବର୍ତ୍ତୀ ସମୟରେ, ଜୁଲାଇ ୫ ତାରିଖରେ ରାୟଗଡ଼ ଜିଲ୍ଲାର ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ଜୁଲାଇ ୫ ରୁ ଅଗଷ୍ଟ ୪ ତାରିଖ ମଧ୍ୟରେ ନାଗରିକମାନେ କୌଣସି ଅଭିଯୋଗ, ସଂଶୋଧନ କିମ୍ବା ନୂତନ ନାମପଞ୍ଜୀକରଣ ପାଇଁ ଦାବି ଓ ଆପତ୍ତି ଦାଖଲ କରିପାରିବେ। ଏହି ସମସ୍ତ ଦାବି ଓ ଆପତ୍ତିର ଯାଞ୍ଚ ଏବଂ ନୋଟିସ୍ ପର୍ଯ୍ୟାୟ ଜୁଲାଇ ୫ରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଶେଷରେ ସମସ୍ତ ଆପତ୍ତିର ସମାଧାନ କରାଯାଇ ଆସନ୍ତା ସେପ୍ଟେମ୍ବର ୬, ୨୦୨୬ ରେ ରାୟଗଡ଼ ଜିଲ୍ଲାର ଚୂଡ଼ାନ୍ତ ଭୋଟର ତାଲିକା ସର୍ବସାଧାରଣଙ୍କ ପାଇଁ ପ୍ରକାଶ ପାଇବ ବୋଲି ନିର୍ଦ୍ଧାରଣ କରାଯାଇଛି।

# ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଶ୍ରାଦ୍ଧ ଦିବସ



ଜୟପୁର, ୨୬।୫(ସମିସ): ପାରଳା ମହାରାଜା ତଥା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୫୨ତମ ଶ୍ରାଦ୍ଧ ଦିବସ ଜୟପୁର ସ୍ଥିତ କୃଷ୍ଣ ଚନ୍ଦ୍ର ପାଠାଗାର ପକ୍ଷରୁ କରସୁଧା ଭିଡିଓ ଠାରେ ଗତକାଲି ସଂଧ୍ୟାରେ ପାଳିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରୁ ବଂଶୀବାଦକ ରବୀନ ମହାନନ୍ଦିଆ ନିଜର ବଂଶୀରେ ବନ୍ଦେ ଉତ୍କଳ ଜନନୀ ସଂଗୀତର ଧୂନ୍ ପରିବେଷଣ କରିଥିଲେ। ଆୟୋଜିତ ପାଠାଗାରର ତଥା ଓଡିଆ ସମାଜର ସଭାପତି ବିଷ୍ଣୁ ପ୍ରସାଦ ପାତ୍ର ପାଠାଗାର ବିଷୟରେ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ଏଥିରେ ବରିଷ୍ଠ ବକ୍ତା ଭାବେ ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଉତ୍କଳ ସମ୍ମିଳନୀ ଇତିହାସ ଏବଂ ମହାରାଜା କୃଷ୍ଣଚନ୍ଦ୍ରଙ୍କ ଅବିଭାଷଣ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟତମ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଫେସର ଡ.ବଳଭଦ୍ର ଦାଶ ପାରଳାଖେମୁଣ୍ଡି ଏବଂ ଜୟପୁରର ରାଜବଂଶ ସମ୍ପର୍କ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଓଡ଼ିଆ ସମାଜର ଏଭଳି ପ୍ରୟାସକୁ ବକ୍ତା, ଶ୍ରୋତା, ଦେଖଣାହାରୀ ପ୍ରଶଂସା କରିଥିଲେ। ଏହି ଅବସରରେ ପାଠାଗାର ତଥା ଓଡିଆ ସମାଜର ସମ୍ପାଦକ ରାମାନନ୍ଦ ମିଶ୍ର ଏବଂ ପାଠାଗାରର ସମସ୍ତ ସଦସ୍ୟ କାର୍ଯ୍ୟରେ ସହଯୋଗ କରିଥିଲେ। ମଞ୍ଚରେ ଅତିଥି ସ୍ୱାଗତଙ୍କୁ ସ୍ୱାଗତ କୃଷ୍ଣଚନ୍ଦ୍ର ହୋତା, ଅତିଥି ପରିଚୟ ଅଶୋକ ମହାରଣା ପ୍ରଦାନ କରିଥିଲେ ଏବଂ ନିରଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରଥିଲେ।

# କାଶୀପୁରରେ ମହାବିଷ୍ଣୁ ଯଜ୍ଞ

କାଶୀପୁର,୨୬।୫(ସମିସ):ରାୟଗଡା ଜିଲ୍ଲା କାଶୀପୁର ଠାରେ କାଳୀକୃଷ୍ଣ ଶାଖା ସଂଘ ପକ୍ଷରୁ ଏକ କୁଣ୍ଡୀୟ ମହାବିଷ୍ଣୁ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ପବିତ୍ର ଧାର୍ମିକ ଆୟୋଜନକୁ ନେଇ ସମଗ୍ର କାଶୀପୁର ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସକାଳୁ ଆରମ୍ଭ ହୋଇଥିବା ବୈଦିକ ମନ୍ତ୍ର ଉଚ୍ଚାରଣ, ନାମ ସଂକୀର୍ତ୍ତନ ଓ ହରିନାମ ଧ୍ୱନିରେ ସମଗ୍ର ପରିବେଶ ଆଧ୍ୟାତ୍ମିକମୟ ହୋଇଥିଲା। ଏହି ଅବସରରେ କାଳୀକୃଷ୍ଣ ସଂଘର ପରିଚାଳକ ପୂଜ୍ୟଶ୍ରୀ



ଜଗଦାନନ୍ଦଜୀ ମହାରାଜ ଉପସ୍ଥିତ ରହ ଗୋ-ସଂପଦର ସୁରକ୍ଷା ଓ ଗୋ-ସମ୍ମାନ ପାଇଁ ଆୟୋଜିତ ହୋଇଥିବା ସଚେତନତା ପଦଯାତ୍ରାରେ ଭାଗ ନେଇଥିଲେ। ପରେ ପରେ ପ୍ରବଚନ ମାଧ୍ୟମରେ ଧର୍ମ, ସତସଙ୍ଗ, ଭକ୍ତି , ମାନବ ସେବା ଓ ଗୋ ସେବାର ମହତ୍ତ୍ୱ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ କଳସ ଯାତ୍ରା, ପୂଜନ, ହବନ, ବିଭିନ୍ନ ବୈଦିକ ନୀତିନିୟମ ଅନୁଯାୟୀ ଯଜ୍ଞ କାର୍ଯ୍ୟ ସଂପନ୍ନ ହୋଇଥିଲା। କାଳୀକୃଷ୍ଣ ସଂଘର ପୁସ୍ତକାଚାର୍ଯ୍ୟ ଶ୍ରୀଅଭୟାନନ୍ଦ, ଆଚାର୍ଯ୍ୟ ତୋଷାନନ୍ଦ ଓ ଯାମିନୀ କାନ୍ତି ପାଢ଼ୀ ସୂଚାରୁ ଭାବରେ ସମଗ୍ର ଯଜ୍ଞ କାର୍ଯ୍ୟକୁ ପରିଚାଳନା କରିଥିଲେ। ବେଦଧ୍ୱନୀ ଓ ହୋମ ଧୂପର ସୁଗନ୍ଧରେ ପରିବେଶ ଅତ୍ୟନ୍ତ ଆଧ୍ୟାତିକ ଓ ଶାନ୍ତିମୟ ହୋଇଉଠିଥିଲା। କାଳୀକୃଷ୍ଣ ସଂଘ କାଶିପୁର ଶାଖା ତରଫରୁ ଗଣେଶ ବୈଠାରୁ, ପୀତବାସ ନାଏକଙ୍କ ସମେତ ଅନେକ କର୍ମକର୍ତ୍ତା ଯଜ୍ଞ କାର୍ଯ୍ୟକୁ ସଫଳ କରିବାରେ ଅକ୍ଲାନ୍ତ ପରିଶ୍ରମ କରିଥିଲେ। ଅଞ୍ଚଳବାସୀଙ୍କ ସମୂହିକ ସହଯୋଗ, ଶୃଙ୍ଖଳା ଓ ଆତିଥ୍ୟ ସମଗ୍ର କାର୍ଯ୍ୟକ୍ରମକୁ ଅଧିକ ସଫଳ ଓ ସୁସଂଗଠିତ କରିଥିଲା। ଏହି ପବିତ୍ର ଯଜ୍ଞ ଅବସରରେ କାଳୀକୃଷ୍ଣ ସଂଘର ମୁଖ୍ୟସଂଘ, ବିଭିନ୍ନ ଶାଖାସଂଘ, ପ୍ରଜ୍ଞାବାହିନୀ, କାଳୀକୃଷ୍ଣ ବାହିନୀ, ମିଡିଆସେଲ ସହ ବିଭିନ୍ନ ବିଭାଗର କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିବା ବେଳେ ଅଞ୍ଚଳର ବହୁ ସଂଖ୍ୟକ ସତସଙ୍ଗ ପ୍ରେମୀ ଜନସାଧାରଣ ଯୋଗ ଦେଇଥିଲେ।

## ପଲମା ଉଚ୍ଚ ବିଦ୍ୟାଳୟର ୩ ଛାତ୍ରୀଙ୍କ କୃତିତ୍ୱ

# ଜାତୀୟ ଉପ କନିଷ୍ଠ ଥ୍ରୋ'ବଲ୍ ପ୍ରତିଯୋଗିତାରେ ବ୍ରୋଞ୍ଜ ହାସଲ





ରାୟଗଡ, ୨୬।୫(ସମିସ): ରାୟଗଡ ଜିଲ୍ଲାର କଲ୍ୟାଣସିଂପୁର ବ୍ଲକ୍ ସ୍ଥିତ ପଲମା ସରକାରୀ ଉଚ୍ଚ ବିଦ୍ୟାଳୟ ପୁଣି ଥରେ ଜିଲ୍ଲା ଓ ରାଜ୍ୟ ପାଇଁ ଗର୍ବର କାରଣ ପାଲଟିଛି। ବିଦ୍ୟାଳୟର ତିନିଜଣ ପ୍ରତିଭାଶାଳୀ ଖେଳାଳି ମଧ୍ୟପ୍ରଦେଶ ଇଣ୍ଡୋର ଠାରେ ଅନୁଷ୍ଠିତ ହୋଇଥିବା 'ଜାତୀୟ ଉପକନିଷ୍ଠ ଥ୍ରୋ'ବଲ୍ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେମାନେ ହେଲେ ନିକିତା ମାଣ୍ଡିକା, ସ୍ୱପ୍ନା ହୁଇକା ଏବଂ ମୌସୁମୀ ମାଝୀ। ଏହି ସଫଳତା କେବଳ ବିଦ୍ୟାଳୟ ପାଇଁ ନୁହେଁ, ସମଗ୍ର ରାୟଗଡ ଜିଲ୍ଲା ପାଇଁ ମଧ୍ୟ ଗର୍ବ ଓ ଆନନ୍ଦର ବିଷୟ ହୋଇଛି। ଜାତୀୟ ଉପକନିଷ୍ଠ ଥ୍ରୋ'ବଲ୍ ପ୍ରତିଯୋଗିତାରେ ଦେଶର ବିଭିନ୍ନ ରାଜ୍ୟରୁ ଖେଳାଳିମାନେ ଅଂଶଗ୍ରହଣ କରିଥିଲେ। ସେଥିରେ ଓଡ଼ିଶାର ପ୍ରତିନିଧିତ୍ୱ କରିଥିଲେ ପଲମା ଉଚ୍ଚ ବିଦ୍ୟାଳୟର ଏହି ତିନିଜଣ ଖେଳାଳି। ଗ୍ରାମୀଣ ଅଞ୍ଚଳରୁ ଜାତୀୟ ସ୍ତରକୁ ପହଞ୍ଚିବା ସେମାନଙ୍କ କଠିନ ପରିଶ୍ରମ, ଅଦମ୍ୟ ଇଚ୍ଛାଶକ୍ତି ଓ ନିୟମିତ ଅଭ୍ୟାସର ପରିଣାମ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଖେଳାଳିମାନଙ୍କ ଏହି ସଫଳତା ପରେ ବିଦ୍ୟାଳୟରେ ଖୁସିର ପରିବେଶ ସୃଷ୍ଟି ହୋଇଛି। ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ ଓ ଅଞ୍ଚଳବାସୀ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିଦ୍ୟାଳୟର କ୍ରୀଡା ପ୍ରଶିକ୍ଷକ ବାବୁଲା ମେଲାକା କହିଛନ୍ତି ଯେ, ଏହି ଛାତ୍ରଛାତ୍ରୀମାନେ ଦୀର୍ଘଦିନ ଧରି ନିୟମିତ ଅଭ୍ୟାସ କରୁଥିଲେ। ସେମାନଙ୍କ ଦୃଢ଼ ସଂକଳ୍ପ ଓ ପରିଶ୍ରମର ଫଳସ୍ୱରୂପ ସେମାନେ ଜାତୀୟ ସ୍ତରରେ ବ୍ରୋଞ୍ଜ ପଦକ ହାସଲ କରି ସୁନାମ ଅର୍ଜନ କରିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ମଧ୍ୟ ଖେଳାଳିମାନଙ୍କୁ ଶୁଭକାମନା ଜଣାଇ କହିଛନ୍ତି ଯେ, ପଲମା ବିଦ୍ୟାଳୟର ଛାତ୍ରଛାତ୍ରୀମାନେ କେବଳ ପାଠପଢ଼ାରେ ନୁହେଁ, କ୍ରୀଡା କ୍ଷେତ୍ରରେ ମଧ୍ୟ ନିଜ ପ୍ରତିଭା ପ୍ରଦର୍ଶନ କରୁଛନ୍ତି। ଆଗାମୀ ଦିନରେ ଏହି ସଫଳତା ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣା ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ବ୍ରୋଞ୍ଜ ପଦକଜେତା ଖେଳାଳିମାନଙ୍କ ଅଭିଭାବକମାନେ ମଧ୍ୟ ଅତ୍ୟନ୍ତ ଖୁସି ପ୍ରକାଶ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀମାନେ ଯଦି ସଠିକ୍ ପରିବେଶ ଓ ପ୍ରଶିକ୍ଷଣ ପାଆନ୍ତି, ତେବେ ସେମାନେ ଜାତୀୟ ସ୍ତରର ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ନିଜ ପ୍ରତିଭା ପ୍ରଦର୍ଶନ କରିପାରିବେ।

